# µyïæÀÿ†ÿÀÿ þNÿ ÓóSæþ{Àÿ sæèÿê-`ÿD'ÿæÀÿÀÿ A¯ÿ'ÿæœÿ

ପର୍ଶୁରାମ ବେହେରା

ଐତିହାସିକ ଭାରତଛାଡ଼ ଆନ୍ଦୋଳନରେ ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶା ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ୧୯୩୦ ମସିହା ଲବଣ ସତ୍ୟାଗ୍ରହରେ ଚଉଦ୍ୱାରର ଶ୍ରୀ ଶତୃଘନ ସାହୁ ନେତୃତ୍ୱ ନେଇଥିଲେ ।

କାଳିଆପାଟର ସେଦିନ ରାତିରେ କୁଜଙ୍ଗ ରାଣୀ କୃଷ୍ଣପ୍ରିୟା ପାଟ ମହାଦେଈ, ତାଙ୍କ ଝିଅ ରତ୍ନମାଳୀ ଜେମା, ମାଆ ରମାଦେବୀ, ମା' ମାଳତୀ ଚୌଧୁରୀ ଅଗଣିତ ଜନତା ସମ୍ମୁଖରେ ଉଦ୍‌ବୋଧନ ଦେଇ ଏକପ୍ରକାର ଜାଗରଣ ସୃଷ୍ଟି କରିଥିଲେ ।

ପ୍ରାୟ ସନ୍ଧ୍ୟା ସାତଟାରୁ ରାତି ନଅଟା ପର୍ଯ୍ୟନ୍ତ ସଭାରେ ସରଗରମ ଆଲୋଚନା ହେବା ସଂଗେସଂଗେ ଗ୍ରାମବାସୀଙ୍କ ମନରେ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା । ସତ୍ୟାଗ୍ରହୀଙ୍କ ପାଇଁ ଖାଦ୍ୟପେୟର ସୁବନ୍ଦୋବସ୍ତ ହୋଇଥାଏ । ଖାଦ୍ୟ ପାନୀୟ ଗ୍ରହଣ ପରେ ପରେ ରାତ୍ରୀଯାପନ ହୋଇଥିଲା ସେଠାରେ । ରାଣୀ କୃଷ୍ଣପ୍ରିୟା ପାଟ ମହାଦେଈ, ରତ୍ନମାଳୀ ଜେମା, ରମାଦେବୀ, ମାଳତୀ ଦେବୀ ପ୍ରଭୃତି ଗ୍ରାମର ମୁଖିଆ ଲୋକଙ୍କ ଗୃହରେ ସେଦିନ ଆଶ୍ରୟ ନେଇଥିଲେ । ସତ୍ୟାଗ୍ରହୀଙ୍କ ଆଖିରେ ନିଦ ନଥାଏ । ମନ ମଧ୍ୟରେ ଇଂରେଜ ସରକାରଙ୍କପ୍ରତି ଅସୂୟାଭାବ ଉଙ୍କି ମାରୁଥାଏ ।

ଚାହୁଁ ଚାହୁଁ ସକାଳ ହେଲା । ସତ୍ୟାଗ୍ରହୀ ଦଳ ନିତ୍ୟକର୍ମ ସାରି ଭୋରରୁ କାଖରେ ଟୋକେଇ ହାତରେ ଜାଳ ଧରି ସହସ୍ରାଧିକ ସଂଖ୍ୟାରେ ଯିବାବେଳେ ଶଙ୍ଖ ହୁଳହୁଳି ଧ୍ୱନିରେ ଗଗନ ପବନ ମୁଖରିତ ହୋଇ ଉଠୁଥାଏ । ୧୯୩୦ ମସିହା ଲବଣ ସତ୍ୟାଗ୍ରହ ବେଳେ ଓଡ଼ିଶା ବହୁ ନାରୀ ସତ୍ୟାଗ୍ରହୀ ସାଜି ଥିଲେ । ଲାଠି, ଅପମାନ, ଗଞ୍ଜଣା ସହିବାକୁ ଟିକେ ହେଲେ ମନରେ କୁଣ୍ଠା ନଥିଲା ସେମାନଙ୍କର । କାରଣ ସେମାନଙ୍କର ଘର ସଂସାର ଚୁରମାର ହୋଇ ଯାଇଥିଲା । ସ୍ୱାମୀ, ପୁଅ ଓ ଆତ୍ମୀୟମାନେ ଜେଲ ଯାଇଥିଲେ । ସରକାର ଅନେକଙ୍କର ଘରଡିହ ସମ୍ପତ୍ତି ନେଇ ଯାଇଥିଲା । ତଥାପି ଗାନ୍ଧିଜୀଙ୍କ ଡାକରାରେ କୁଳବଧୂ କୁଳଛାଡ଼ି ଭାରତକୁ ସ୍ୱାଧୀନ କରିବାର ସ୍ୱପ୍ନ ଦେଖିଥିଲେ ।

କୁଜଙ୍ଗ ଓରଣ୍ଡା ଲୁଣ ଚଟାଣକୁ ଦଳ ଦଳ ହୋଇ ସତ୍ୟାଗ୍ରହୀ ଚାଲିଲେ ଲୁଣ ମାରିବାକୁ । ଏତିକିବେଳେ ବୀରବାବୁଙ୍କ କଲମ କାମ କଲା । ଚଉଦ୍ୱାରରେ ମଧ୍ୟ ଏହାର ବହୁତ ପ୍ରଭାବ ପଡ଼ିଥିଲା । ଗାନ୍ଧିଜୀଙ୍କୁ କବି ବୀର କିଶୋର ଦାସ ମଣିଷ ରୂପୀ ଦେବତା ବୋଲି ଭାବୁଥିଲେ । ତାହା ହୋଇ ନଥିଲେ ନାରୀମାନେ ନିଜ ନିଜର ଜୀବନକୁ ଜଳାଞ୍ଜଳି ଦେଇ କାଳିଆପାଟକୁ ଆସି ନଥାନ୍ତେ । ଗାନ୍ଧୀଙ୍କ ଡାକରା ସେମାନଙ୍କୁ ଟାଣି ଆଣିଥିଲା ଏପରି ଅସାଧ ସାଧନ ନିମନ୍ତେ । ଆହୁରି ଆଶ୍ଚର୍ଯ୍ୟର କଥା ଯେ କୁଜଙ୍ଗ ରାଣୀ ଓ ଜେମା ଭବିଷ୍ୟତ ସୁଖ ସମ୍ଭୋଗ ତ୍ୟାଗ କରି ଦେଶ ସ୍ୱାଧୀନ ପାଇଁ ଗୋଡ଼ କାଢ଼ି ଥିଲେ ନିର୍ଭୀକ ଭାବରେ ।

ମହାତ୍ମା ଡାକରେ କୁଳ ନାରୀଗଣ / ତେଜି ଘରକୋଣ ଫିଙ୍ଗିଲେ ଭୂଷଣ / ଗାନ୍ଧୀଙ୍କ ଆଦେଶ ଗାନ୍ଧୀ ଉପଦେଶ / ନିଶାସମ ତାଙ୍କୁ ଘାରୁଛି । ଏହି ଗୀତଟି ଗାଇ ଗାଇ ସତ୍ୟାଗ୍ରହୀ ଦଳ କାଳିଆପାଟ ଅଭିମୁଖେ ବୀରଦର୍ପରେ ଛୁଟି ଥାଆନ୍ତି । କି ଆନନ୍ଦ, ଉଲ୍ଲାସ ସତରେ ସେମାନଙ୍କ ମନରେ ଜନ୍ମିଥାଏ ସେହି ଅଗ୍ନିପରୀକ୍ଷାବେଳେ ? ଶତୃଘ୍ନ ସାହୁଙ୍କ ସମେତ ଅନେକଙ୍କ ମନରେ କି ଆବେଗ ସତରେ ଜାଗ୍ରତ ହୋଇଥାଏ, ତାହା ବ୍ୟକ୍ତ କରି ହେବ ନାହିଁ । ଦଳ ଦଳ ଗ୍ରାମବାସୀଙ୍କ ସହିତ କୀର୍ତ୍ତନ ଦଳର ଅଫୁରନ୍ତ ଗୀତ ଚତୁର୍ଦ୍ଦିଗ ପ୍ରକମ୍ପିତ କରି ଦେଉଥାଏ । ଲୁଣ ମାରିବା ପାଇଁ ସମସ୍ତେ ଆଗଭର । ଯେମିତି ଚୁଲିରେ ଲୁଣହାଣ୍ଡି ବସାଇ ନିଆଁ ଜଳାଇଛନ୍ତି । ଆସିଲେ ଇଂରେଜ ସରକାରଙ୍କ ଘୋଡ଼ାସବାର ପୋଲିସ । ରକ୍ତମୁଖା ହୋଇ ଯାଇଥିଲେ ସେମାନେ । ବିଳମ୍ବ ନକରି ଚୁଲି ଓ ଲୁଣ ହାଣ୍ଡି ଭାଙ୍ଗି ପକାଇଲେ । କି ଭୟଙ୍କର ଦୃଶ୍ୟ ସତରେ ! ବହୁତ ବାନରସେନା ଓ ସତ୍ୟାଗ୍ରହୀମାନେ ଲାଠିମାଡ଼ରେ ଆହତ ହେଲେ ବୃନ୍ଦାବନ ପାତ୍ରଙ୍କ ସମେତ ।

ତାଙ୍କୁ ଗିରଫ କରି ନିଆଗଲା । କୁଜଙ୍ଗ ଡାକ୍ତରଖାନା (ଅନନ୍ତପୁର)ରେ କ୍ୟାମ୍ପ କୋର୍ଟରେ ବିଚାର ହେଲା ସଂଗେସଂଗେ । କୁଜଙ୍ଗର ନାରାୟଣ ବୀରବର ସାମନ୍ତ ମଧ୍ୟ ଗିରଫ ହୋଇଥିଲେ । ରାଜା ଗିରଫ ହେବା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ଭରିଗଲା । କ୍ୟାମ୍ପକୋର୍ଟରେ ବିଚାର ହୋଇଥିଲା ସେମାନଙ୍କର । ସେମାନେ ଦୁଇବର୍ଷରୁ ଉର୍ଦ୍ଧ୍ୱ ଜେଲ ଜୀବନ ଭୋଗ କରିଥିଲେ । କାଳିଆପାଟବାସୀ ଦେଖିଲେ ଯେ ସେମାନଙ୍କର ଅତିପ୍ରିୟ ରାଜାଙ୍କୁ ଗିରଫ କରି ନିଆଯାଉଛି । ସେମାନେ ଉତ୍ତ୍ୟକ୍ତ ହୋଇ ଉଠିଲେ କ୍ଷଣକ ମଧ୍ୟରେ । ଠେଙ୍ଗା ବାଡ଼ି ଧରି ଗୋଡ଼ାଇବାରୁ ଘୋଡ଼ାସବାର ପୋଲିସ ଛତ୍ରଭଙ୍ଗ ଦେଇ ପଳାୟନ କଲେ ନିଜ ନିଜକୁ ବଞ୍ଚାଇବା ପାଇଁ । ପ୍ରାୟ ସେଦିନ ଏ ଗଣ୍ଡଗୋଳ ଅଭିଯୋଗରେ ଛଅ ସାତ ଜଣ ଗିରଫ ହୋଇଥିଲେ ।

**ଚଉଦ୍ୱାରରେ ଅସ୍ପୃଶ୍ୟତା ନିବାରଣ**

ଚଉଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ର ଭାରତ ସେବକ ସମିତିଦ୍ୱାରା ପରିଚାଳିତ ହେଉଥିଲେ ହେଁ ଅଲେଖ ପ୍ରସାଦ ଦାସଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ଥିଲା । ଲକ୍ଷ୍ମୀ ନାରାୟଣ ସାହୁଙ୍କ ପରାମର୍ଶରେ ତାହା ଚାଲୁଥିବାରୁ ପୋଲିସ ଓ ଗୋଇନ୍ଦା ସେଠାକାର କାର୍ଯ୍ୟ ଉପରେ ବରାବର ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ । ସହଯୋଗ ସମିତିର ପ୍ରସାର ଓ ଅସ୍ପୃଶ୍ୟତା ନିବାରଣ, ଆଳୁ, କୋବି ଚାଷର ପ୍ରବର୍ତ୍ତନ, ସୂତାକଟା, ଲୁଗାବୁଣା ମାଧ୍ୟମରେ ସ୍ୱଦେଶୀ ପ୍ରଚାର ପଞ୍ଚାୟତ ସଂଗଠନ ମିଡ଼ିଲ ଇଂଲିଶ ସ୍କୁଲ ଓ ଜାତୀୟ ବିଦ୍ୟାଳୟ ନୈଶ୍ୟ ବିଦ୍ୟାଳୟ ତଥା ପାଠାଗାର ଜରିଆରେ ପୌଢ଼ଶିକ୍ଷା ପ୍ରସାର ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଜନ୍ମୋତ୍ସବ ଓ ଶ୍ରାଦ୍ଧ ଦିବସ ପାଳନ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା ଥିଲା ମୁଖ୍ୟ କାର୍ଯ୍ୟ ।

ଡାଃ ଆଇଜାକ୍ ସାଆନ୍ତ୍ରାଙ୍କ ମାଆ ଶେରା ସାଆନ୍ତ୍ରା ଓ ଚୌଦ୍ୱାରର ସ୍ଥାନୀୟ ଜମିଦାର ଗଜେନ୍ଦ୍ର ନାୟକଙ୍କ ସହଯୋଗରେ କାର୍ଯ୍ୟକ୍ରମ କ୍ରମଶଃ ପ୍ରସାରିତ ହେଲା । ମାଆ ଶେରା ଓ ଅଲେଖ ପ୍ରସାଦଙ୍କ ପତ୍ନୀ ସ୍ନେହଲତା ଚୌଦ୍ୱାରର ମହିଳାଙ୍କ ପାଇଁ କାମ କଲେ । ଗଜେନ୍ଦ୍ର ନାୟକଙ୍କ ପରାମର୍ଶକ୍ରମେ ସପ୍ତାହର ସାତଦିନ ଚୌଦ୍ୱାର କେନ୍ଦ୍ରର ଚତୁଃପାର୍ଶ୍ୱରେ ଥିବା ଛଅଟି ଗ୍ରାମରେ ପ୍ରତିଦିନ ଉପରବେଳା ଓ ସନ୍ଧ୍ୟାରେ ସଭା ହେଲା । ଗ୍ରାମବାସୀଙ୍କର ସବୁ ସମସ୍ୟା ସମ୍ପର୍କରେ ବିଚାରବିମର୍ଷ ଚାଲିଲା । ସେଠାରେ ମିଡ଼ିଲ ଇଂଲିଶ ସ୍କୁଲ ନଥିବାରୁ ଗାଁଲୋକଙ୍କ ମଧ୍ୟରେ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ଦୃଷ୍ଟି ଦିଆଗଲା ଏବଂ ସ୍କୁଲର ପ୍ରଧାନଶିକ୍ଷକ ଭାବେ ଅଲେଖ ପ୍ରସାଦ ଦାସ ଦାୟିତ୍ୱ ଗ୍ରହଣ କଲେ ।

କ୍ରମେ କାର୍ଯ୍ୟଭାର ବଢ଼ିଲା । ଚୌଦ୍ୱାରକୁ ହଠାତ୍ ଦିନେ ଓଡ଼ିଶା ଡିଭିଜନର କମିଶନର ଫିଲିପ୍ ସାହେବ ଆସିଲେ । ଡେପୁଟି କଲେକ୍ଟର ମାଧବ ମିଶ୍ର ତତ୍ପର ହୋଇ ଉଠିଲେ ଗସ୍ତ ପାଇଁ । ସାହେବଙ୍କ ଗନ୍ତବ୍ୟ ପଥରେ ପୋଲିସ ପହରା ଓ କଟକଣା ଜାରି ହେଲା । ୧୯୨୪ ମସିହାରେ ଚୌରୀଚୌରାଠାରେ ଉତ୍ତ୍ୟକ୍ତ ଜନତାଙ୍କ ଅଗ୍ନି ସଂଯୋଗ ଫଳରେ ଗୋରା ପୋଲିସ ଖୁବ୍ ଭୟଭୀତ ହୋଇ ପଡ଼ିଥିଲେ । ଗାନ୍ଧିଜୀ କିଛିଦିନ ପାଇଁ ଅସହଯୋଗ ଆନ୍ଦୋଳନକୁ ସ୍ଥଗିତ ରଖି ଦେଶବାସୀଙ୍କୁ ଅଧିକ ସଂଗଠିତ ହେବାକୁ ପରାମର୍ଶ ଦେଇଥିଲେ । ଲାଟ୍ ସାହେବଙ୍କ ରେଳଗସ୍ତ ସମୟରେ ରେଳଧାରଣାର ଦୁଇପାର୍ଶ୍ୱରେ ଛଅ ସାତ ଘଣ୍ଟା ଧରି ପୋଲିସ ପେଟ୍ରୋଲିଂ ଚାଲୁଥିଲା । ଏହା ଯୁବକମାନଙ୍କୁ କୌତୁହଳୀ କରାଉଥିଲା । ଝଡ଼ବର୍ଷା ଦିନବି ବଡ଼ ବଡ଼ ହାକିମଙ୍କ ଗସ୍ତ ପଡ଼ିଲେ ସିପାହୀ ଓ ପୋଲିସ୍ ଜମାଦାରମାନଙ୍କ ଦୁଃଖ ବଢ଼ି ଯାଉଥିଲା । ସେମାନେ ବାଧ୍ୟ ହୋଇ ଅସହଯୋଗପ୍ରତି ପରୋକ୍ଷ ସମର୍ଥନ ଜଣାଉଥିଲେ । ବେଳେବେଳେ ଖାଦ୍ୟ ପାନୀୟ ଓ ବିଶ୍ରାମ କେଉଁ କଂଗ୍ରେସ କର୍ମୀଙ୍କର ଦ୍ୱାରସ୍ଥ ମଧ୍ୟ ହେଉଥିଲେ ।

ଚଉଦ୍ୱାର ହରିଜନମାନଙ୍କ ମଧ୍ୟରେ ଦିବ୍ୟଚେତନା ଜାଗ୍ରତ ନିମନ୍ତେ ଗୋମାଂସ ଭକ୍ଷଣ ନିଷେଧ କରାଯାଇ ଗଜେନ୍ଦ୍ର ବାବୁଙ୍କଦ୍ୱାରା ତୁଳସୀ ଚଉରା ପ୍ରତିଷ୍ଠା କରାଯାଇ କୀର୍ତ୍ତନ ଭଜନ ସମାଜ କରାଗଲା । ଭାଗବତ ଘରଟିଏ ମଧ୍ୟ ଗଢ଼ି ଉଠିଲା । ପ୍ରଥମେ ଚଉଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ରର କର୍ମୀ ଛୁଆଁଅଛୁଆଁ ଭେଦଭାବ ଉଠାଇବା ଦିଗରେ ଉଦ୍ୟମ ଆରମ୍ଭ କରିଦେଲେ । କେନାଲପଟା ପୋଲରେ ଗଲାବେଳେ ହରିଜନମାନେ ଗୋଟିଏ ପାଖରୁ ଆସୁଥିଲେ । ପୋଲକୁ ନଛୁଇଁ ଅଟକି ଯାଇ ସ୍ପୃଶ୍ୟମାନଙ୍କୁ ବାଟ ଛାଡୁ ଥିଲେ । ପଟାପୋଲରେ ଠିଆ ହୋଇ ଛୁଆଁଅଛୁଆଁ ଭେଦଭାବ ଉଠାଇବାରେ ସକ୍ଷମ ହୋଇଥିଲେ ଗଜେନ୍ଦ୍ର ନାୟକ ଓ ଅଲେଖ ପ୍ରସାଦ ଦାସ । ଶଅର ସାହିରେ ମଧ୍ୟ ଏହା ଲାଗୁ ହୋଇଥିଲା । ଇଂରେଜ ସରକାର ପାଣ, ଧୋବା, ଶଅର ଓ କଣ୍ଡରାଙ୍କୁ ନିକୃଷ୍ଟ ହିନ୍ଦୁ ବୋଲି ବିବେଚନା କରୁଥିଲେ ।

ଇତିମଧ୍ୟରେ ଅମୃତଲାଲ ଠକ୍କର ଆସିଲେ ଚଉଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ର ପରିଦର୍ଶନରେ । ସେ ହିସାବପତ୍ରର ସମୀକ୍ଷା କଲେ । ହିସାବପତ୍ର ଲେଖାରେ ଅଭ୍ୟସ୍ତ ନଥିଲେ ସାହୁଜୀ । ସମିତିର ନୀତି ଥିଲା ତିନିଭାଗରୁ ଏକ ଭାଗ ଅର୍ଥ ଚାନ୍ଦା ଆଦିରୁ ମିଳିଗଲେ ଅବଶିଷ୍ଟ ଅଂଶ ପୁନା ଅଫିସ୍ ପଠାଯିବ । ଚଉଦ୍ୱାର କେନ୍ଦ୍ରର ପ୍ରାରମ୍ଭିକ ଆୟବ୍ୟୟ ହିସାବରେ ଅଣା ପଇସାର ହିସାବ

ନଥିଲା । ଖାଲି ଟଙ୍କାର ହିସାବ ରହୁଥିଲା । ପୁନଶ୍ଚ ନଥିଲା ମଧ ଭାଉଚର ବ୍ୟବସ୍ଥା । ଠକ୍କର ଏହା ଲକ୍ଷ୍ୟ କରି ମତବ୍ୟକ୍ତ କରିଥିଲେ ତୁମକୁ ହିସାବ ଲେଖି ଆସେନା ।

ଚଉଦ୍ୱାରର ଜନସାଧାରଣ ନାନା ଭାବେ ଉପକୃତ ହେଲେ ହେଁ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟକ୍ରମରେ ଅସନ୍ତୋଷ ପ୍ରକାଶ କରିଥିଲେ । ବିଶେଷତଃ ସମିତି କାର୍ଯ୍ୟରେ ଏକମତ ନଥିଲେ କଂଗ୍ରେସ ଲୋକ । ତେଣୁ ଯେକୌଣସି କାମରେ ଲୋକ ସମର୍ଥନ ମିଳୁ ନଥିଲା ।

ଅଲେଖ ଦାସଙ୍କ ନିଜ ଗ୍ରାମାଞ୍ଚଳରେ ଚମ୍ପାପୁର ହାଟ । ଗୋବିନ୍ଦ ଚନ୍ଦ୍ର ମିଶ୍ର ସେତେବେଳେ ଗୋଟିଏ ସ୍ଥାୟୀ କୋଠା ଆଠହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଇ 'ଗାନ୍ଧୀ ସେବାଶ୍ରୟ' ଆରମ୍ଭ କରିଥିଲେ । ଏହାର କାର୍ଯ୍ୟ ଚଉଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ର ଅନୁରୂପ ଥିଲା । ଗୋବିନ୍ଦବାବୁ ଅଲେଖ ପ୍ରସାଦଙ୍କୁ କର୍ମୀ ଭାବରେ ରଖିବା ପାଇଁ ଲାଳାୟିତ ଥିଲେ । ୧୯୨୯ ବେଳକୁ ଗୋବିନ୍ଦ ମିଶ୍ରଙ୍କ ଚିଠି ତାଙ୍କର ହସ୍ତଗତ ହୋଇଥିଲା । ତେଣୁ ସେ ଗାନ୍ଧୀ ସେବାଶ୍ରମରେ ଯୋଗଦେବା ନିମନ୍ତେ ସ୍ଥିର କରି ଘରକୁ ପ୍ରତ୍ୟାବର୍ତ୍ତନ କଲେ । ତାଙ୍କର ଘୋର ପରିବର୍ତ୍ତନ ଘଟିଲା । ସେ ଚଉଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ରରୁ ବିଦାୟ ନେଇ ଚମ୍ପାପୁର ଗାନ୍ଧୀ ସେବାଶ୍ରମକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ।

### ଚଉଦ୍ୱାରର ସତ୍ୟାଗ୍ରହୀ ଦଳ

ଧୀରେ ଧୀରେ ଭାରତବର୍ଷରେ ଆନ୍ଦୋଳନର ଝଡ଼ ଘନେଇ ଆସିଲା । ନିଷ୍କ୍ରିୟ ଭାବରେ ଜନ୍ମଗ୍ରହଣ କରିଥିବା ଜାତୀୟ କଂଗ୍ରେସ କ୍ରମେ ପୁଷ୍ଟ ହେବାକୁ ଲାଗିଲା ଓ ଦେଶକୁ ସ୍ୱାଧୀନ କରିବା ପାଇଁ ହାତଗୋଡ଼ ହଲାଇଲା । ତିଳକ, ଗୋଖେଲ, ଲାଲାଜୀ ପ୍ରଭୃତି ବହୁ ବିପ୍ଲବୀ ନେତା କଂଗ୍ରେସର ଅସ୍ଥିପୁଷ୍ଟ ଶରୀରରେ ଶକ୍ତି ସଞ୍ଚାର କଲେ । ଦାଦାଭାଇ ନାରୋଜୀ ଇଂରେଜ ଶାସନର ମୂଳୋଚ୍ଛେଦ କରିବା ପାଇଁ ଚାହିଁଲେ ।

ତା'ପରେ ଗାନ୍ଧୀ କଂଗ୍ରେସକୁ ଏ ଦେଶର କୋଟି କୋଟି ଲୋକଙ୍କ ହାତରେ ଟେକି ଦେଲେ । ଚାରିଜଣିଆ କଂଗ୍ରେସ ସଦସ୍ୟ ସଂଗ୍ରହ ଆରମ୍ଭ ହେଲା । କ୍ରମେ କ୍ରମେ ସେ ଅହିଂସା, ଅସହଯୋଗ, ସତ୍ୟାଗ୍ରହ, ସୂତାକଟାର କଥା କହିଲେ । ଗାଁଗହଳିର ଚାଷୀମୂଲିଆ ଏଥିରୁ ପାଇଲା ଅଦ୍ଭୁତ ପ୍ରେରଣା ।

ଶତ୍ରୁଘ୍ନ ସାହୁ ଏରସମାରୁ ଫେରିବା ପରେ ବହୁ ଯୁବକ ସଂଘବଦ୍ଧ ଭାବରେ ଏହି ସଂଗ୍ରାମରେ ମାତିଲେ । ଜେଲ ଭିତରେ ଜୀବନ ବିତାଇବାର ସେହି ଦୁଃଖ ହୁଏତ କଳ୍ପନା କରି ହେବ ନାହିଁ । ଲୁହାର ଥାଳି, ଲୁହାର ଡାଟିଆ, ଯେଉଁ ବାସନରେ ଭାତ ଖାଇବାକୁ ହେବ ତାକୁ ହିଁ ଧରି ପାଇଖାନା ଯିବାକୁ ହେବ । ପୁଣି ପାଇଖାନା ବୋଇଲେ ଏକାଧାଡ଼ିରେ ଅନେକ ଗୁଡ଼ାଏ ଖୋପ । କୌଣସି ଖୋପରେ କବାଟ ନାହିଁ । ଜେଲ ଜୀବନରେ ଏପରି ଭୋଗ କରିବାକୁ ହେଉଥାଏ । ତଥାପି ଚଉଦ୍ୱାର ଅଞ୍ଚଳରୁ ବନମାଳୀ ପୃଷ୍ଟି, ସଦାନନ୍ଦ ନାୟକ, ବିନୋଦ ଚୌଧୁରୀ, ହରି ସାହୁ ଭିନ୍ନ ଭିନ୍ନ ଦଳରେ ଲୁଣମରା ସତ୍ୟାଗ୍ରହରେ ଝାସ ଦେଇଥିଲେ । ଲୁଣମରା ବନ୍ଦ ପରେ ସ୍ୱେଚ୍ଛାସେବକ ସଂଗ୍ରହ ଓ ଆନ୍ଦୋଳନ ଚାଲିଲା । ଶତ୍ରୁଘ୍ନ ସାହୁଙ୍କ ପ୍ରେରଣା ବଳରେ ଏ ସଂଗଠିତ ଉଦ୍ୟମ ସାକାର ହେବାକୁ ଲାଗିଲା । ଅନ୍ଧାରି ମୂଳକରେ ଆଲୁଅ ଜାଳି ଦେଇ ତରୁଣ ଯୁବକଗଣ ଏଥିରେ ଜେଲ ବରଣ କରି ଭିନ୍ନଭିନ୍ନ ଜେଲରୁ ଖଲାସ ହୋଇ ଯାଇଥିଲେ । ସେମାନେ କଟକ ଜିଲ୍ଲାରେ ସୃଷ୍ଟି କରିଥିଲେ ଚୌଦ୍ୱାରର ଗୌରବମୟ ଅଧ୍ୟାୟ । ଏହାର ପଟ୍ଟାନ୍ତର ନାହିଁ – ପରେ ତାହା ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା ।

ସେତେବେଳେ ମୋଟାମୋଟି ବୁଝା ଯାଉଥିଲା ଯେ ରାମରାଜ୍ୟ ସ୍ଥାପନ ହେବ । ଯେଉଁମାନେ ଲଢ଼େଇରେ ଝାସ ଦେଇଥିଲେ, ସେମାନେ ଦିନେ ଅଧେ ଏହା ମିଳିଯିବାର କଳ୍ପନା ସୁଦ୍ଧା କରି ନଥିଲେ । ଗାନ୍ଧିଜୀ ଅବଶ୍ୟ ଘୋଷଣା କରିଥିଲେ ଯେ ଏକ ବର୍ଷ ଭିତରେ ସ୍ୱରାଜ ଆସିବ । ଗାନ୍ଧିଜୀ ଏ ଘୋଷଣା କଲାବେଳେ କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତାର ଦାବି ଉଠାଇ ନଥିଲା । ୧୯୩୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତର ନରନାରୀ ବିଭିନ୍ନ ସ୍ଥାନରେ ଏକତ୍ର ହୋଇ ପ୍ରକାଶ୍ୟ ଶପଥ ଗ୍ରହଣ କରିଥିଲେ । ସେଥିରେ ମୁଖ୍ୟ ପ୍ରସଙ୍ଗ ଥିଲା ବ୍ରିଟିଶ ସାମ୍ରାଜ୍ୟବାଦ ଭାରତକୁ ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ସବୁ ଦିଗରୁ ଶୋଷଣ କରିଛି । ସଂସ୍କୃତି ଲୋପ କରିଛି । ତେଣୁ ଏ ସରକାରକୁ ଆମେ ଆଉ ସ୍ୱୀକାର କରିବୁ ନାହିଁ । ଆମେ ଚାହୁଁ ପୂର୍ଣ୍ଣ ସ୍ୱାଧୀନତା । ଏହାର ପ୍ରାସଙ୍ଗିକ ଅର୍ଥ ହେଲା ଇଂରେଜ କବଳରୁ ମୁକ୍ତି ଲାଭ କରିବା । ସବୁଠୁଁ ବଳି ଜୋରଦାର ଲକ୍ଷ୍ୟ ଥିଲା କୋଟି କୋଟି ସଂଖ୍ୟାରେ ସ୍ୱରାଜ ସୈନିକ ଗାନ୍ଧୀ ପ୍ରଦର୍ଶିତ ବିପ୍ଳବକୁ କିପରି ସଫଳ କରିବେ । ତ୍ୟାଗ ଓ କଷ୍ଟ ଲବ୍ଧ ସ୍ୱାଧୀନତା ହେଲା ସମସ୍ତଙ୍କର କାମ୍ୟ । ସକଳ ପ୍ରକାର ସୁଖ ସମ୍ଭୋଗ ପରିତ୍ୟାଗ କରିବା ସଂଗେସଂଗେ ଏକ ମହାନ ଆଦର୍ଶରେ ସ୍ୱରାଜ ସୈନିକ ଉଦ୍‌ବୁଦ୍ଧ ହେଲେ ।

ଗାନ୍ଧିଜୀଙ୍କ ନେତୃତ୍ୱରେ ଦାଣ୍ଡିଠାରେ ଲବଣ ସତ୍ୟାଗ୍ରହ ଆରମ୍ଭ ହେବା ସଂଗେସଂଗେ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା । ଆଚାର୍ଯ୍ୟ ହରିହର ପ୍ରଥମେ ସତ୍ୟାଗ୍ରହୀ ଭାବରେ ବଛା ହୋଇଥିଲେ । ସମଗ୍ର ଓଡ଼ିଶାରେ ଲବଣ ସତ୍ୟାଗ୍ରହରେ ଜେଲ ଭରପୁର ହୋଇଥିଲା ।

ଗାନ୍ଧୀ ଇରଉଇନ ଚୁକ୍ତି ଫଳରେ ରାଜନୈତିକ ବନ୍ଦୀମାନେ ଖଲାସ ହୋଇଥିଲେ । ଗୋପବନ୍ଧୁ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ରାଜକୃଷ୍ଣ ବୋଷ, ଯଦୁମଣି ମଙ୍ଗରାଜ, ବିଶ୍ୱନାଥ ଦାଶ, ଶଶିଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ, ବୃନ୍ଦାବନ ନାୟକ, ନନ୍ଦ କିଶୋର ଦାସ, ମାଳତୀ ଦେବୀ, ରମାଦେବୀ ପ୍ରଭୃତି ସ୍ୱତନ୍ତ୍ର ଏକ ରେଳବଗି ରେ ଆସୁଥିବାବେଳେ ପ୍ରତି ଷ୍ଟେସନରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜନତା ତରଫରୁ ଦିଆଯାଇଥିଲା । କି ଅଭୁତ ଉତ୍ସାହ ଓ ଉଦ୍ଦୀପନା ? ଟାଙ୍ଗୀ-କପିଳାସ ରୋଡ଼ରେ ବଗି ଲାଗିବା ପୂର୍ବରୁ ଆଗରୁ ଖଲାସ ହୋଇଥିବା ଶତ୍ରୁଘ୍ନ ସାହୁ (ଚଉଦ୍ୱାର), ଚକ୍ରଧର ଷଡ଼ଙ୍ଗୀ (ଟାଙ୍ଗୀ) ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ବିରାଟ ଜନସମାବେଶରେ ବ୍ୟାଣ୍ଡ ପାର୍ଟିଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରତ୍ୟେକ ଷ୍ଟେସନ ଭଳି କପିଳାସ ରୋଡ଼ ଷ୍ଟେସନରେ ମଧ୍ୟ ଉଦ୍ୟୋକ୍ତାବୃନ୍ଦ ଫୁଲହାର ଓ ଫୁଲତୋଡ଼ାରେ ଅଭିନନ୍ଦନ ଜଣାଇଥିଲେ । ଗୋପବନ୍ଧୁ ଚୌଧୁରୀ ଭାଷଣ ପ୍ରସଙ୍ଗରେ ଧନ୍ୟବାଦ ଜ୍ଞାପନ କରିଥିଲେ ସ୍ଥାନୀୟ ଲବଣ ସତ୍ୟାଗ୍ରହଙ୍କ ଉଦ୍ଦେଶ୍ୟରେ । ଆହୁରି ମଧ୍ୟ କହିଥିଲେ, ସମ୍ବର୍ଦ୍ଧନା ଦେବା ଠିକ୍ ନୁହେଁ । କିପରି ପୂର୍ଣ୍ଣ ସ୍ୱରାଜ୍ୟ ଆସିବ ସେଥିପାଇଁ ସମସ୍ତେ ପ୍ରସ୍ତୁତ ହୋଇ ରହିବା ଏକାନ୍ତ ଆବଶ୍ୟକ । ଭବିଷ୍ୟତ ପାଇଁ ପ୍ରସ୍ତୁତି ଲୋଡ଼ା । ଯେଉଁଥିପାଇଁ ତୁମେ ଟାଙ୍ଗୀ-ଚୌଦ୍ୱାରରୁ ଲୁଣ ମାରିବାକୁ ଯାଇଛ ଓ ସେଥିରେ ଜୟଲାଭ କରିଛ, ତାହା ଗୌରବର ବିଷୟ ।

ଟାଙ୍ଗୀରୁ ସଂଗୃହୀତ ଚୂଡ଼ା, ଗୁଡ଼, ନଡ଼ିଆ, ବସାଦହି, ହାଣ୍ଡି, ଫଳମୂଳ ଝୁଡ଼ି ରେଳଯୋଗେ ପ୍ରେରିତ ହୋଇଥିଲା । ସାଥିରେ ଘେନି ଯାଇଥିଲେ ଶତ୍ରୁଘ୍ନ ସାହୁ ଓ ଚକ୍ରଧର ଷଡ଼ଙ୍ଗୀ ।

**ଟାଙ୍ଗୀର ସତ୍ୟାଗ୍ରହୀ ଦଳ**

ମହାତ୍ମା ଗାନ୍ଧୀ ସ୍ଥିର କରିଥାନ୍ତି ଯେ ରଚନାତ୍ମକ କର୍ମୀମାନେ ରାଜନୈତିକ ବିପ୍ଳବ ପାଇଁ ଅଧିକ ଧ୍ୟାନ ଦେବା ଉଚିତ ନୁହେଁ । ଆନ୍ଦୋଳନ କରିବା ଓ ଜେଲ ଯିବା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଲେ ସେମାନେ ଦେଶ ଗଠନ କରିବା ଏବଂ ସାମାଜିକ ସଂସ୍କାର କରିବା ସମ୍ଭବ ହେବ ନାହିଁ । ସ୍ୱାଧୀନତା ପାଇଁ ଆନ୍ଦୋଳନ ଯେତିକି ଗୁରୁତ୍ୱପୂର୍ଣ୍ଣ, ରଚନାତ୍ମକ କାର୍ଯ୍ୟ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।

ଟାଙ୍ଗୀ ଥାନାରେ ଚକ୍ରଧର ଷଡ଼ଙ୍ଗୀ, ସଫାର ସୂର୍ଯ୍ୟନାରାୟଣ ମହାନ୍ତି ରଚନାତ୍ମକ କର୍ମୀ ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ । ପ୍ରାଥମିକ କଂଗ୍ରେସ କମିଟି ଗଢ଼ିବାକୁ ହେଲେ ନିୟମ ଥିଲା ଯେ ଗୋଟିଏ ଗାଆଁରେ ସଭ୍ୟ ବା ଗୋଟିଏ ୟୁନିୟନର କେତୋଟି ଗାଁରେ ପଚାଶ ଜଣରୁ ଅଧିକ ସଭ୍ୟ ଥିବେ ଏବଂ ସେମାନଙ୍କ କାମ ଚଳାଇବାକୁ ସବୁବେଳେ ଖଦଡ଼ ପିନ୍ଧୁଥିବା ଦୁଇଜଣ କାର୍ଯ୍ୟକର୍ତ୍ତା ରହିଥିବେ । ସଭ୍ୟ ହେବାର ତିନିମାସ ପରେ ଜିଲ୍ଲା କଂଗ୍ରେସ କମିଟି ତଦାରଖ କରି ପ୍ରାଥମିକ କମିଟିକୁ ମଂଜୁର ଦେଲେ ଚାନ୍ଦା ପଇସାରୁ ତାଙ୍କ ଅଂଶ ମିଳିବ । ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ପରେ ସହର ଓ ଗ୍ରାମେ ଗ୍ରାମେ ପ୍ରାଥମିକ କଂଗ୍ରେସ କମିଟି ଗଠନ କରିବାକୁ ସ୍ଥାନୀୟ ଲୋକେ ମନ ବଳାଇଲେ ।

ଗାନ୍ଧିଜୀ ଓଡ଼ିଶା ଆସିବେ ବୋଲି, କି ପଲ୍ଲୀ କି ସହର ସବୁଠାରେ ଅଭୁତପୂର୍ବ ଉତ୍ସାହ ଉଦ୍ଦୀପନା ଜାଗି ଉଠିଲା । ୧୯୨୧ ମାର୍ଚ୍ଚ ୨୨ ତାରିଖ ସକାଳବେଳା ପୁରୀ ଏକ୍ସପ୍ରେସ୍‌ରେ ଗାନ୍ଧିଜୀ କଟକରେ ପହଞ୍ଚିଲେ । ପୂର୍ବଦିନ ଅର୍ଦ୍ଧରାତ୍ରୀରେ ଭଦ୍ରକ ଷ୍ଟେସନଠାରେ ବହୁ ଜନସମାଗମ ହୋଇଥିଲା ମହାତ୍ମା ଗାନ୍ଧୀଙ୍କ ଦର୍ଶନ ପାଇଁ । ଗାନ୍ଧିଜୀ କଟକରୁ ଭଦ୍ରକ ଆସିବା ପାଇଁ ପ୍ରତିଶ୍ରୁତି ଦେଇ ଯାଇଥିଲେ । ମାର୍ଚ୍ଚ ୨୩ ତାରିଖ ଦିନ ଦୋଳ ପୂର୍ଣ୍ଣିମା । ସାଧାରଣତଃ ଲୋକେ ସେଦିନ ହୋଲି ଖେଳରେ ମସ୍‌ଗୁଲ ହୋଇ ଉଠନ୍ତି । କିନ୍ତୁ ସେଥର ଅଭିନବ ପ୍ରକାରର ହୋଲି ଖେଳ । ଆନନ୍ଦ ଉତ୍ସବ ଚାରିଆଡ଼େ । ପ୍ରାୟ ଦଶ ହଜାର ନରନାରୀ ଗାନ୍ଧିଜୀଙ୍କୁ ରେଳଷ୍ଟେସନରୁ ଶୋଭାଯାତ୍ରା ସହ ପାଛୋଟି ଆଣିଥିଲେ କଟକ ସ୍ୱରାଜ ଆଶ୍ରମକୁ । ବାସ୍ତରୀ କୀର୍ତ୍ତନ ମଣ୍ଡଳ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଅକୁଣ୍ଠ ସମର୍ଥନ ଜ୍ଞାପନ କରିଥିଲେ । ତିନିଶହ ସ୍ୱେଚ୍ଛାସେବକ ଶାନ୍ତିରକ୍ଷା କାର୍ଯ୍ୟରେ ନିୟୋଜିତ ଥିଲେ । ଗାନ୍ଧିଜୀ ଏକ ସୁସଜ୍ଜିତ ମଟର କାରରେ ଆସିଥିଲେ ଶୋଭାଯାତ୍ରାରେ । ଯେଉଁ ପଥ ଦେଇ ସେ ଆସୁଥିଲେ ତା'ର ଦୁଇ ପାର୍ଶ୍ୱରେ ଥିବା ଘରସବୁ ପତ୍ର ପୁଷ୍ପ ପତାକାଦ୍ୱାରା ବହୁ ପୂର୍ବରୁ ସଜ୍ଜିତ ହୋଇଥିଲା। ଦୃଶ୍ୟଟି ଥିଲା ବେଶ୍ ମନଛୁଆଁ । 'ମହାତ୍ମା ଗାନ୍ଧୀକି ଜୟ' ଧ୍ୱନିରେ ଚତୁର୍ଦ୍ଦିଗ ନିନାଦିତ ହେଉଥିଲା । ଏଥିସହିତ 'ହିନ୍ଦୁ ମୁସଲମାନ କି ଜୟ' ଓ 'ଭାରତ ମାତାକି ଜୟ' ଧ୍ୱନିରେ ଶୋଭାଯାତ୍ରା ପଟୁଆର ବେଶ୍ ଚିତ୍ତାକର୍ଷକ ହୋଇ ଉଠିଥିଲା ସେଦିନ ।

ରାସ୍ତାରେ ତୋରଣମାନ ବେଶ୍ ସୁନ୍ଦର ଦିଶୁଥିଲା । ତା' ସହିତ ଶଙ୍ଖଧ୍ୱନି ହୁଳହୁଳି । ଗାନ୍ଧିଜୀ ଧୋତି, ଜାମା ଓ ଟୋପି ପିନ୍ଧିଥିଲେ । ସେହି ସୁସଜ୍ଜିତ ମଟର ଗାଡ଼ିଟି ଥିଲା ଗଣେଶଲାଲ

ପଣ୍ଡିତଙ୍କର । ସେଥିରେ ଗାନ୍ଧିଜୀ ଓ କସ୍ତୁରବା ବସିଥିଲେ । ଅନ୍ୟମାନେ ଥା'ନ୍ତି ଗାଡ଼ି ଆଗରେ ଓ ପଛ ଭାଗରେ । ଗାନ୍ଧିଜୀ ଆସି ସ୍ୱରାଜ ଆଶ୍ରମରେ ପହଞ୍ଚିଲେ । ତାଙ୍କ ପାଇଁ ଦୋତାଲାରେ ରହିବା ବ୍ୟବସ୍ଥା ହୋଇଥିଲା । ତଳେ ଦୁଇ ବଖରା କୋଠରୀରେ ଚାଲୁଥିଲା ଅଫିସ୍ । ପଛ ପାଖରେ ଏକ ଛପର ଘରେ ରୋଷେଇ ବ୍ୟବସ୍ଥା । ମୁଷ୍ଟିଭିକ୍ଷାଦ୍ୱାରା ସେତେବେଳେ ଆଶ୍ରମବାସୀ ଚଳୁଥିଲେ ।

ଟାଙ୍ଗୀ ଥାନାରୁ ଚକ୍ରଧର ଷଡ଼ଙ୍ଗୀ, ଶତ୍ରୁଘ୍ନ ସାହୁ, କୃଷ୍ଣଚନ୍ଦ୍ର ଦାସ ରହୁଥିଲେ ସ୍ୱରାଜ ଆଶ୍ରମରେ । ପ୍ରତ୍ୟୁଷରୁ କର୍ମୀମାନେ ତେଲମାଲିସ କଲାବେଳେ ଏହି ଦୃଶ୍ୟ ଗାନ୍ଧିଜୀଙ୍କ ଦୃଷ୍ଟିରେ ପଡ଼ିଲା । ଗାନ୍ଧିଜୀ, ୟେ କ୍ୟା ଚିଜ୍ ବୋଲି ପଚାରିଲେ । କର୍ମୀମାନେ କହିଲେ ଯେ ଏପରି ମାଲିସ୍ କଲେ ଦେହ ଚିକ୍କଣ ହୁଏ । ଗାନ୍ଧିଜୀଙ୍କ ମନକୁ କଥାଟି ପାଇଲା ନାହିଁ । ସେ କହିଲେ ଯେ ଶରୀରର ତାକତ ପାଇଁ ଖାଇବା ଜରୁରୀ । ସେଥିପାଇଁ ସେ ପଚାଶ ଟଙ୍କା ଦେଇଥିଲେ । ସେହି ପଚାଶ ଟଙ୍କା ମଧ୍ୟ ଘିଅକ୍ରୟରେ ବ୍ୟୟ ହୋଇଥିଲା । ସ୍ୱରାଜ ଆଶ୍ରମରେ ଖାଦ୍ୟ ପାନୀୟ ବେଳେ ଘିଅର ପ୍ରୟୋଗ କ୍ରମାଗତ ଭାବେ ଚାଲିଲା ।

୨୩ ତାରିଖରେ କାଠଯୋଡ଼ି ବାଲିରେ ପ୍ରାୟ ୫୦ ହଜାର ଲୋକଙ୍କର ଏକ ବିରାଟ ସଭାରେ ଗାନ୍ଧିଜୀ ଭାଷଣ ଦେଇଥିଲେ । ଉକ୍ତ ସଭାରେ ଯୋଗଦାନ କରିବାର ସୁଯୋଗ ଲାଭ କରିଥିଲେ ସଫାର ସୂର୍ଯ୍ୟନାରାୟଣ ମହାନ୍ତି, ଶାଳଗାଁର ବେଣୁଧର କାନୁନ୍‌ଗୋ, ମଙ୍ଗରାଜପୁରର ଭୁବନାନନ୍ଦ ପରିଡ଼ା ପ୍ରମୁଖ । ଗାନ୍ଧିଜୀ କହିଥିଲେ ଯେ ଇଂରେଜ ଶିକ୍ଷା ସଭ୍ୟତା ଜଣେ ବୁଦ୍ଧ କି ଶଙ୍କରଙ୍କୁ ଜନ୍ମ ଦେଇ ନାହିଁ । ସେତେବେଳେ ରେଳ କି ଡାକ ବା ତାର ନଥିଲା । ପାଦରେ ସେମାନେ ଆକୁମାରୀ ହିମାଚଳ ଭାରତ ବୁଲି ମାନବ ଧର୍ମ ପ୍ରଚାର କରିଥିଲେ ଯାହା କି ସେ କରିପାରୁନାହାନ୍ତି । ଗାନ୍ଧିଜୀ ସେଠାରେ ଡାକରା ଦେଇଥିଲେ 'ଦାରୁ ପିନା ଛୋଡ଼ ଦୋ, ସ୍କୁଲ କଚେରୀ ଛୋଡ଼ ଦୋ, ଇଂରେଜ ସରକାରକୋ ବର୍ଜନ କରୋ, ସରକାରକା ସାଥ ଅସହଯୋଗ କରୋ ।'

ମହାତ୍ମା ଗାନ୍ଧୀ କଟକରୁ ବିଦାୟ ନେଇଗଲେ । ଦେଶରେ ସଂଗଠନ, ପ୍ରଚାର, କର୍ମୀ ସୃଷ୍ଟି ଓ କଂଗ୍ରେସ କମିଟି ଗଠନ ହୋଇନଥାଏ । ଯୁବକମାନଙ୍କ ମନରେ ଖେଳୁଥାଏ ବିପ୍ଳବର ଭାବ ଯେ ସମସ୍ତେ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍କୁଲ, କଲେଜ, କଚେରୀ ଛାଡ଼ି ଦେବେ, ସରକାର ସହିତ ଅସହଯୋଗ କରିବେ । ବାଳକୃଷ୍ଣ ରାଉତରାୟ, ଶତ୍ରୁଘ୍ନ ସାହୁ, ଚକ୍ରଧର ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ଦାସ, ବେଣୁଧର କାନୁନ୍‌ଗୋ, ସୂର୍ଯ୍ୟ ନାରାୟଣ ମହାନ୍ତି, କଣ୍ଡୁରି ଚରଣ ନାୟକ, ରାଧାନାଥ ଷଡ଼ଙ୍ଗୀ, ଭୁବନାନନ୍ଦ ପରିଡ଼ା ପାଠପଢ଼ାରେ ଡୋରି ବାନ୍ଧି ଅସହଯୋଗ ଆନ୍ଦୋଳନର ପଥିକ ହେଲେ । ତିଳକଙ୍କ ସ୍ୱରାଜ ଫଣ୍ଡ ପାଇଁ ଚାନ୍ଦା ସଂଗ୍ରହରେ ଟାଙ୍ଗୀ ଥାନାରେ ବ୍ୟାପକ ଉଦ୍ୟମ ଜାରି ରହିଲା ।

**ଗାନ୍ଧିଜୀଙ୍କ ମୁକ୍ତି** – ପାଞ୍ଚଜନ୍ୟ ବାଜିବା ପରଠାରୁ କୋଟି କୋଟି ନରନାରୀଙ୍କର ରାଷ୍ଟ୍ରୀୟ ଓ ତା' ସଂଗେସଂଗେ ସାମାଜିକ ନିୟମ କାନୁନ୍‌ର ଶୃଙ୍ଖଳ ମୋଚନ ହୋଇଯିବ ଭାବି ହଜାର ହଜାର ଯୁବକ ଗାନ୍ଧୀ ନୀତିରେ ପ୍ରଭାବିତ ହେବାକୁ ଲାଗିଲେ । ମନ ଉଷତ ହେଲା । ଘନ ଅନ୍ଧକାରରେ ବିଜୁଳିର ଆଲୋକ ଚେନାଏ ପ୍ରତିଫଳିତ ହେଲା । ଯୁବକ ଯୁବତୀ ଏହି ଭାବରେ ଉନ୍ମତ୍ତ ହୋଇ ପିତା, ମାତା, ପତ୍ନୀ କାହାରି କଥା ନଶୁଣି ଶତସଂଖ୍ୟାରେ ବାହାରି ପଡ଼ିଲେ ପାଗଳ ଭାବେ ଦେଶର ସ୍ୱାଧୀନତା ପାଇଁ ।

ସେତେବେଳେ ମାଇକର ପ୍ରଚଳନ ହୋଇନଥିଲା । ଅଥଚ ପ୍ରତ୍ୟେକଙ୍କ କାନରେ ଗାନ୍ଧିଜୀଙ୍କ କଥା ବାଜିଥିଲା । ମଧ୍ୟରାତ୍ରି ପରି ନୀରବ ନିସ୍ତବ୍ଧ ଜନତା ଓ କେବଳ ଗାନ୍ଧିଜୀଙ୍କ ସ୍ୱର ।

୧୯୨୨ରେ ଟାଙ୍ଗୀରେ ଏକ ଆଶ୍ରମ ଖୋଲା ଯାଇଥିଲା । ଚକ୍ରଧର ଷଡ଼ଙ୍ଗୀ ଏହାର ସଭାପତି ଓ ଶତ୍ରୁଘ୍ନ ସାହୁ ଏହାର ସମ୍ପାଦକ ରହିଥିଲେ । ଚକ୍ରଧର ଷଡ଼ଙ୍ଗୀ, ସନାତନ ସାହୁ, କ୍ଷେତ୍ରବାସୀ ବେହେରା, ବେଣୁଧର କାନୁନ୍‌ଗୋ, ବୈଲୋଚନ ବେହେରା, ଉଦୟନାଥ ଗିରି, ମୃଷା ହାତୀ ପ୍ରମୁଖ ନବକୃଷ୍ଣ ଚୌଧୁରୀଙ୍କ ପ୍ରେରଣାରେ ଏକଜୁଟ ହୋଇଥିଲେ କଟକର ବାଖରାବାଦଠାରେ । ପୂର୍ବରୁ ରମାଦେବୀ, ମାଳତୀ ଦେବୀ, ନବକୃଷ୍ଣ ଚୌଧୁରୀ, ଟାଙ୍ଗୀ ଆଶ୍ରମରେ ତିନିଚାରି ଦିନ ଅତିବାହିତ କରିଥିଲେ । ଟାଙ୍ଗୀ ରହଣି ସମୟରେ ମଦ ଓ ଅଫିମ ଦୋକାନ ସାମନାରେ ପିକେଟିଂ କରିବା ପାଇଁ ପରାମର୍ଶ ଦେଇଥିଲେ ସେମାନେ । ଏକ ନବଯୁଗର ସନ୍ଧାନ ଉଦ୍ଦେଶ୍ୟରେ କେତେକ ଯୁବକ ଉତ୍ସାହିତ ହୋଇଥିଲେ ସେମାନଙ୍କ ସଂସ୍ପର୍ଶରେ ଆସି । କଟକ ବକ୍ସି ବଜାର ମଦ ଦୋକାନ ସାମନାରେ ପିକେଟିଂ ମଧ୍ୟ କରିଥିଲେ ସେମାନେ ।

ଇଂରେଜ ସରକାରଙ୍କ ଗୋଏନ୍ଦାଙ୍କ ଆଖିରେ ଧୂଳି ଦେଇ କେତେଦିନ ବା ଲୁଚିଛପି ହରତାଳ କରିହେବ ? ଫଳ ହେଲା ବିଷମ । ସଂଗ୍ରାମୀଗଣ ଅଭିଯୁକ୍ତ ହୋଇ କଟକ ଜେଲରେ ବନ୍ଦୀ

ହୋଇ ରହିଲେ ତିନିମାସ କାଳ । କ୍ରମଶଃ ବନ୍ଦୀମାନଙ୍କ ସଂଖ୍ୟା ୮୦କୁ ବୃଦ୍ଧି ପାଇଲା । ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ଗୌରାଙ୍ଗ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସତ୍ୟାଗ୍ରହୀମାନଙ୍କୁ ହଠାତ୍ କଟକ ଜେଲରୁ ପାଟଣା ଜେଲକୁ ସ୍ଥାନାନ୍ତରିତ କରାଗଲା । ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ କଲିକତା ଯାଇ ସେହି ୮୦ ଜଣ ବନ୍ଦୀଙ୍କ ବିଷୟରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ସହ ମସୁଧା କରି ଆସୁଥିଲେ । ପଣ୍ଡିତ ପଢ଼ିଆରୀ ପ୍ରାଞ୍ଜଳ ହିନ୍ଦୀ କହିବାରେ ଅଭ୍ୟସ୍ତ । ଏକଥା ଜେଲ୍ ସୁପରିଟେଣ୍ଡେଣ୍ଟଙ୍କୁ ସୁହାଇଲା ନାହିଁ । ସେ ବନ୍ଦୀମାନଙ୍କୁ ଟିକେ ନଡ଼ିଆ ତେଲ ଲଗାଇବାକୁ ଦେବା କି ଜଳଖିଆ ଖାଇବାକୁ ଲୁଣ ଟକିଏ ଦେବାକୁ କୁଣ୍ଠିତ ଥିଲେ । କିନ୍ତୁ ଜେଲର୍ ବଡ଼ ହୃଦୟବାନ୍ । ସେ ତେଲ ଲୁଣ ମାଗିଲେ ଜେଲର୍ ଲୁଚେଇ କରି ଦେଉଥିଲେ । ସମସ୍ତଙ୍କ ନିରାପତ୍ତା ନିମନ୍ତେ ସର୍ବଦା ସଜାଗ ରହୁଥିଲେ । ତାଙ୍କର ଦେଶଭକ୍ତିର ପଟ୍ଟାନ୍ତର ନଥିଲା ।

ଇତ୍ୟବସରରେ ପଣ୍ଡିତ ପଢ଼ିଆରୀଙ୍କୁ ବନ୍ଦୀ କରି ରଖାଗଲା ସେହି ଜେଲ ହାଜତରେ । ଡକ୍ଟର ମହତାବ କଲିକତାରୁ ଧରା ହୋଇ ଗାଡ଼ିରେ ଯିବା ବନ୍ଦୀମାନଙ୍କ ଦୃଷ୍ଟିରେ ପଡ଼ିଥିଲା । କଟକର କେତେକ ବନ୍ଦୀ ଦିନେ ଜେଲରଙ୍କୁ ଅଟା ଦେବାକୁ କହିଲେ । ଜେଲର କହିଲେ ତୁମ୍ଭେମାନେ ଚକିଶାଳରୁ ଘଡ଼ଘଡ଼ କରି ଅଟା ପେଷିବା ଛଳନା କଲେ ସେ ଅଟା ଦେବାକୁ ଲେଖା ଆଣିବେ । ପଣ୍ଡିତ ପଢ଼ିଆରୀ ବସିଲେ ଦୁଆର ମୁହଁରେ । ଚକିଶାଳରେ ଅନ୍ୟମାନେ ଘଡ଼ଘଡ଼ କରିବାରୁ ଜେଲର ସଂଗେସଂଗେ ଅଟା ଆଣିଦେଲେ । କେତେକ ବନ୍ଦୀ କହିଲେ, ଆମେ ଡରି କରି ଗୀତ ବୋଲିବା ନାହିଁ ବରଂ ଚକି ଚଳାଇବା ଗୀତର ତାଳେ ତାଳେ । ସୁପରିଟେଣ୍ଡେଣ୍ଟ ରାଗରେ ପାଚି ଲାଲ ପଡ଼ିଗଲେ । ସେ ଦୁଇ ତିନି ଜଣଙ୍କୁ ତଣ୍ଟିଆ ମାରିବାରୁ କଟକର ଯୁବ ବନ୍ଦୀମାନେ ତାହା ବରଦାସ୍ତ କରିପାରିଲେ ନାହିଁ । ସୁପରିଟେଣ୍ଡେଣ୍ଟଙ୍କୁ ସେମାନେ ନିସ୍ତୁକ ମାଡ଼ ଚଢ଼ାଇ ଦେଲେ । ସୁପରିଟେଣ୍ଡେଣ୍ଟ ଫୋନରେ ଜଣାଇଦେଲେ ଏ ଘଟଣା । ପାଞ୍ଚଶହ ସିପାହୀ ଆସି ପହଞ୍ଚିଗଲେ ସେଠାରେ । ଜେଲର୍ଙ୍କ ବଡ଼ ଉଦାରପ୍ରାଣ । ସେ କହିଲେ, ବିନା ଅନୁମତିରେ ଫାଟକ ଚାବି ଖୋଲିଲେ ସୁଟ୍ କରି ଦେବେ । ସିପାହୀମାନେ ଆଦେଶ ଅପେକ୍ଷାରେ ରହିଲେ । ସହୃଦୟ ଜେଲର ପଣ୍ଡିତ ପଢ଼ିଆରୀଙ୍କୁ ପଚାରିବାରୁ ସେ କହିଲେ, ଯାହା କରିବ କର । ଜେଲର କହିଲେ ତୁମେ ସମସ୍ତେ ଠୁଳ ହୋଇ ବସିଯାଅ । ପାଞ୍ଚଶହ ସିପାହୀ ସେମାନଙ୍କୁ ଘେରି କରି ବସିଲେ । ଜଣକ ପରେ ଜଣେ ହାତକଡ଼ି ଦଣ୍ଡାବେଡ଼ି ପିନ୍ଧିଲେ ସତ, କିନ୍ତୁ ଚବିଶ ଘଣ୍ଟା ନାଆଁରେ ଏଠି ପିନ୍ଧି ଅନ୍ୟଘରେ ଖୋଲି ଦେବା ଥିଲା ଉଦ୍ଦେଶ୍ୟ । କଲେକ୍ଟରଙ୍କ ଆଗରେ ହାତକଡ଼ି, ଦଣ୍ଡାବେଡ଼ି ପିନ୍ଧି ଅନ୍ୟଘରେ ପହଞ୍ଚି ଖୋଲି ଦେଉଥାଆନ୍ତି ।

ମଦ ଦୋକାନ ଆଗରେ ପିକେଟିଂ କରିବାବେଳେ ସତ୍ୟାଗ୍ରହୀମାନେ ସେତେବେଳେ ଗାଉଥିଲେ, ଜାତୀୟ କବି ବୀରକିଶୋରଙ୍କ ରଚିତ ଗୀତ । ସେହି ଗୀତଟି ଏହିପରି –

ମାନ ମହତକୁ ଡର ଥିଲେ ଭାଇ
ଛାଡ଼ ସେ ଇଲତ ନିଶାକୁ
ନିଶା ନିତିନିତି ତୁମକୁ ଖାଉଛି
ଦେଖୁ ନାହିଁ ନିଜ ଦଶାକୁ ।
ନିଶା ଦାଉରେ କି ବସି ଭାଳୁଅଛ
ଠକି ଦେବ ତମେ ଯମକୁ,
ଭିତରେ ସେ ତମ କଲିଜା କାଟୁଛି
ଧୋକଡ଼ା କରଇ ଚମକୁ ।
ହକ ଦେଇ ହାତୁ ପଇସା କଉଡ଼ି
କିଣୁଅଛ ଲୋକ ହସାକୁ,
ସିଂହ ହୋଇ ତୁମେ ଠେକୁଆ ହୋଇଛ
ହାତୀ ହୋଇ ଡର ମଶାକୁ ।
ନିଜ ଭାଇଙ୍କି ତ ଭଗାରି କରୁଛ
ଭାବୁ ନାହଁ ଆଗପଛକୁ
ନିଜର କୋକେଇ ନିଜେ ବାନ୍ଧୁଅଛ
ବଢ଼ାଉଛ ବିଷ ଗଛକୁ ।
(ବିଦ୍ରୋହୀ ବୀଣା ପୃଷ୍ଠା–୧୭)

ଏହି ଗୀତ ବୋଲିବା ଅପରାଧରେ ଗିରଫ ହୋଇ ସତ୍ୟାଗ୍ରହୀ ଦଳ ଜେଲ ଯାଇ ହାତକଡ଼ି ଦଣ୍ଡାକଡ଼ି ପିନ୍ଧିଥିଲେ ।

୧୯୩୧ରେ କେବଳ ରାଜନୈତିକ ସଂଗଠନ କଂଗ୍ରେସକୁ ବେଆଇନ ଘୋଷଣା କରାଗଲା ନାହିଁ, ଅଫିସରେ ତାଲା ପଡ଼ିଲା । ପୋଲିସ ଫୌଜ ଯାଇ କଂଗ୍ରେସ ଦପ୍ତର ଦଖଲ କରିଗଲେ । ଆଶ୍ରମବାସୀ ହେଲେ ପଥଚାରୀ । ସ୍ୱରାଜ ଆଶ୍ରମରେ ତାଲାଠୁଙ୍କା ହେଲା । ସାହେବଜାଦା ବଜାରରେ ଭଡ଼ାଘରେ ଚାଲୁଥିବା ଅଫିସରେ ଶତ୍ରୁଘ୍ନ ସାହୁ ପହଞ୍ଚିଲେ । ଘରଭଡ଼ା ଦେବା ଅପରାଧ ବିବେଚିତ ହେଲା । ସତ୍ୟାଗ୍ରହୀ ଦଳଙ୍କୁ ବିଦା କରିଦେବାକୁ ପ୍ରବର୍ତ୍ତାଗଲା ଘର ମାଲିକଙ୍କୁ । କଟକରେ ଜୈନ ମନ୍ଦିରରେ କଂଗ୍ରେସ ଅଫିସ ଚାଲିଲା ।

ଅଡ଼ିନାନ୍‌ସ ହୋଇଗଲା – କେହି ଚାନ୍ଦାଦେଲେ, ଘରେ ଆଶ୍ରୟ ଦେଲେ କିମ୍ବା ଅନ୍ୟ ପ୍ରକାର ସାହାଯ୍ୟ କଲେ ଗିରଫ ହେବେ । ଜେଲ ଜୋରିମାନା, ଘରବାଡ଼ି ଜବତ ହେବ । ତେଣୁ ସତ୍ୟାଗ୍ରହୀଙ୍କର ଚାରା କ'ଣ ? ବର୍ଷା, ଶୀତ, ଖରା, କାକରରେ ଆଶ୍ରା ହେଲା କଟକ ଟାଉନ୍ ହଲ୍ ବାରଣ୍ଡା କିମ୍ବା କୌଣସି ଦୋକାନ ପିଣ୍ଡା । ସେଠାରେ ଯଦି ପୋଲିସ ପହଞ୍ଚି ଯାଉଥିଲା ଅବସ୍ଥା ଅସମ୍ଭାଳ । ସେଥି ନିମନ୍ତେ କୌଣସିମତେ ରାତି କଟାଇ ବଡ଼ି ଭୋରରୁ ଉଠି ମ୍ୟୁନିସ୍‌ପାଲଟି ପୋଖରୀରେ ଗାଧୋଇ ଯେ ଯୁଆଡ଼େ ବାହାରି ଯାଉଥିଲେ । ରାତିରେ ଯାହା ସ୍ଥିର ହେଉଥିଲା ସେହି ଅନୁସାରେ ବିଭିନ୍ନ ସ୍ଥାନରେ ଆଇନ ଅମାନ୍ୟ କିମ୍ବା ସରକାରକୁ ହଇରାଣ କରିବା କାମରେ ଲାଗି ଯାଉଥିଲେ । ଏକ ପ୍ରକାର ଯାଯାବର ଜୀବନଯାପନ । ଖାଇବା, ପିଇବା, ରହିବା ଲାଗି ଭାଳେଣି ନଥିଲା । କୁଆଡ଼ୁ କିମିତି ଆସି ସାହାଯ୍ୟ ପହଞ୍ଚି ଯାଉଥିଲା । ସରକାରୀ ଶାସ୍ତିର ଭୟ ସତ୍ତ୍ୱେ ଗୋପନରେ ସାହାଯ୍ୟ ଦେବାକୁ ଲୋକେ ପଛାଉ ନଥିଲେ ।

ଏହି ୧୩ଟି ଅଡ଼ିନାନ୍‌ସ ଫଳରେ ଲୋକେ ଭୟଭୀତ ହୋଇଯିବେ ଏବଂ ଆନ୍ଦୋଳନ କମିଯିବ, ଏହା ଥିଲା ବ୍ରିଟିଶ ସରକାରର କୌଶଳ । କଂଗ୍ରେସ ଅଧିବେଶନ ବସିବା ଆସନ୍ନ ଥିବାରୁ ସେହି କାମରେ ନେତା କର୍ମୀ ଚାରିଆଡ଼େ ବାଣ୍ଟି ହୋଇ ଯାଉଥିଲେ । ଗାନ୍ଧିଜୀ ଗୋଲଟେବୁଲ୍ ବୈଠକରୁ ସଦ୍ୟ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

ଅନ୍ନପୂର୍ଣ୍ଣା ଏ' ଗ୍ରୁପର ବାଉରିବନ୍ଧୁ ମହାନ୍ତି ଡାଳିଯୋଡ଼ା ଗଡ଼ ଖାଇପଡ଼ିଆର ସୁଦର୍ଶନ ମାଷ୍ଟ୍ରେ ଉଭୟେ ସଙ୍ଗୀତ ପ୍ରେମୀ । ସୁଦର୍ଶନ ମାଷ୍ଟ୍ରେ ସଂଗୀତ ଗାନ କରୁଥିଲେ । ଜୈନ ମନ୍ଦିରରୁ ସତ୍ୟାଗ୍ରହୀମାନେ ବାହାରି ଚୌଧୁରୀ ବଜାର, ବାଲୁବଜାର, ବକ୍ସିବଜାର, ମାଲଗୋଦାମ ବୁଲିବାବେଳେ ଜନତାଙ୍କଠାରୁ ଦେଶମୁକ୍ତି ଆନ୍ଦୋଳନ ପାଇଁ ଚାଉଳ ପଇସା ମିଳୁଥିଲା । ସେଥିରେ ସତ୍ୟାଗ୍ରହୀ ଦଳର ଖାଇବା ଖୋରାକ ଚଳୁଥିଲା । ଗଞ୍ଜେଇ, ମଦ ଓ ଲୁଗାଦୋକାନ ଆଗରେ ଚାଲିଲା ଜୋରଦାର ପିକେଟିଂ । ସେଥିରେ ଶତ୍ରୁଘ୍ନ ସାହୁ ଧରା ହୋଇ କଟକ ଜେଲରେ ରହିଲେ । ତିନି ମାସ ପରେ ସମ୍ବଲପୁର ଜେଲକୁ ଗଲେ । ଚଉଦ୍ୱାରର ଅନ୍ୟତମ ସତ୍ୟାଗ୍ରହୀ ହରିସାହୁ, କଟକର ଅଦ୍ୱୈତ ବଲ୍ଲଭ ରାୟ ପ୍ରମୁଖ ମଧ୍ୟ ଜେଲରେ ରହିଲେ । ସମ୍ବଲପୁରରେ ତିନିମାସ ରହିବା ପରେ ଖଲାସ ହେଲେ ଶତ୍ରୁଘ୍ନ ସାହୁ । ଟାଙ୍ଗୀ ଥାନା କଂଗ୍ରେସ କମିଟିର ଦାୟିତ୍ୱ ଦିଆଗଲା ତାଙ୍କୁ । ୧୯୩୨ ସତ୍ୟାଗ୍ରହରେ ଯୋଗଦେବା ନିମନ୍ତେ ଶତ୍ରୁଘ୍ନ ସାହୁ ସମ୍ପୂର୍ଣ୍ଣ ତତ୍ପର ଥିଲେ । ତାଙ୍କ ଉଦ୍ୟମରେ ପିକେଟିଂ ନିମନ୍ତେ ସତ୍ୟାଗ୍ରହୀଙ୍କୁ ଖୋଜା ଚାଲିଲା । କୃଷ୍ଣଚନ୍ଦ୍ର ଦାସ, ଧରଣୀଧର ପୃଷ୍ଟି, କ୍ଷେତ୍ରବାସୀ ବେହେରା, ସନାତନ ସାହୁ ପ୍ରଭୃତି ସତ୍ୟାଗ୍ରହ କରି କଟକ ଜେଲ ହାଜତରେ ଷଡ଼ିଲେ । କି ନିର୍ଯ୍ୟାତନା ସତରେ ! ଟାଙ୍ଗୀର ଚକ୍ରଧର ଷଡ଼ଙ୍ଗୀ, ଜନାର୍ଦ୍ଦନ ଷଡ଼ଙ୍ଗୀ ବିପୁଳ ଉତ୍ସାହର ସହିତ ଲାଗି ପଡ଼ିଥିଲେ ସତ୍ୟାଗ୍ରହୀ ଅନ୍ୱେଷଣ ସେବାରେ । ଅଫିମ ଦୋକାନ ସମ୍ମୁଖରେ ପିକେଟିଂ କରିବା ଅଭିଯୋଗରେ ଶତ୍ରୁଘ୍ନ ସାହୁ ଧରା ପଡ଼ିଛନ୍ତି ବୋଲି ଖବର ବିଜୁଳି ବେଗରେ ପ୍ରଚାରିତ ହୋଇଯିବାରୁ ଚଉଦ୍ୱାର ଗ୍ରାମବାସୀ ପ୍ରବଳ ପ୍ରତିରୋଧ କରିଥିଲେ । ଠେଙ୍ଗାବାଡ଼ିରେ ଜବାବ ଦେବା ନିମନ୍ତେ ଏକଜୁଟ ହେଲେ ସମସ୍ତେ । ପ୍ରବଳ ଉତ୍ତେଜନା ପ୍ରକାଶ ପାଇଲା । ପୌଷ ମାସ ଶୀତ ସନ୍ଧ୍ୟା । ଶତ୍ରୁଘ୍ନ ସାହୁ ସମସ୍ତଙ୍କୁ ଆଶ୍ୱାସନା ବାଣୀରେ ଭୁଲାଇ ଦେଇ ପୋଲିସ ଘେରରେ ଚାଲିଗଲେ । ନାଉରିଆ ମଧ୍ୟ ନଈପାରି କରିବାକୁ ମନା କଲା । ଶତ୍ରୁଘ୍ନ ସାହୁ ହାତଯୋଡ଼ି ପାରି କରି ଦେବାକୁ କହିବାରୁ ସମସ୍ୟାର ସମାଧାନ ହେଲା । ଶତ୍ରୁଘ୍ନ ଜଗତପୁରରେ ନାଆରୁ ଓହ୍ଲାଇ ଷ୍ଟେସନକୁ ଚାଲି ଚାଲି ଗଲେ । ଚାହୁଁ ଚାହୁଁ ଲୋକ ସମାଗମ ବଢ଼ିଲା । ଶୀତରେ ଦେହ କୋଲ ମାରି ଦେଉଥାଏ । ଫକୀରପୁରର କୃଷ୍ଣ ପଣ୍ଡା ଏଣ୍ଡି ଚଦରଟିଏ କିଣି ଶତ୍ରୁଘ୍ନଙ୍କ ହାତକୁ ବଢ଼ାଇ ଦେଇଥିଲେ । ସେହି ଚଦର ଘୋଡ଼ାଇ ହୋଇ କଟକ ଜେଲକୁ ଯାଇଥିଲେ ଶତ୍ରୁଘ୍ନ ।

କଟକ ଜେଲ ଭରପୂର । ହରି ସାହୁ, ବଟ ଦେହୁରୀ, କୃଷ୍ଣଚନ୍ଦ୍ର ଦାସ, ବିକଳ ସାହୁ, ବିଦୁ ଓଝା, ଗୌରାଙ୍ଗ ଚରଣ ଦାସ, ସୁରେନ୍ଦ୍ରନାଥ ପଟ୍ଟନାୟକ, ସୁଧୀର ଘୋଷଙ୍କ ସହିତ ଶତ୍ରୁଘ୍ନ ସାହୁ ରହିଲେ ସେଠାରେ । ପାଞ୍ଚଶହ ସତ୍ୟାଗ୍ରହୀ ଜେଲରେ ଥିଲେ । ବହୁଲୋକ ଜମା ହେଉଥାନ୍ତି ବିଚାରବେଳେ । ବିଚାରରେ ଶତ୍ରୁଘ୍ନ ସାହୁ ଅଢ଼େଇ ବର୍ଷ ଜେଲ ଭୋଗ କଲେ । କିଛିଦିନ ପରେ କଟକରୁ ପାଟନା ଜେଲ ନିଆଗଲା ତାଙ୍କୁ । ଅଦ୍ୱୈତ ବଲ୍ଲଭ ରାୟ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ବିନୋଦ କାନୁନ୍‌ଗୋ, ରାଜକୃଷ୍ଣ ବୋଷ ପ୍ରମୁଖ ମଧ୍ୟ ଅଢ଼େଇ ବର୍ଷ ଜେଲ ଭୋଗ କରିଥିଲେ । ଜେଲରେ ପୁସ୍ତକ ପାଠ ନିମନ୍ତେ ପୁସ୍ତକ ପଠାଯାଉଥିଲା । ଜାତୀୟକବି ବୀର କିଶୋର, ବାଞ୍ଛାନିଧି ମହାନ୍ତିଙ୍କ ଗୀତ ଗାନରେ ସରଗରମ ହୋଇ ଉଠୁଥିଲା ଜେଲ ପରିସର । ଜେଲ୍ ଭିତରେ ବ୍ୟବହାର ପାଇଁ ପ୍ୟାଣ୍ଟ, ସାର୍ଟ, ଟୋପି ମିଳୁଥିଲା । ଯେତେ ଛୋଟ ଜଙ୍ଘିଆ ହେଲେବି ବ୍ୟବହାର କରିବା ବ୍ୟତୀତ ଆଉ କିଛି ଉପାୟ ନଥିଲା । ଶେଷରେ ସମସ୍ତେ ଖଲାସ ହୋଇ ଗୃହାଭିମୁଖୀ ହେଲେ । ସତ୍ୟାଗ୍ରହୀ ଦଳର କଠୋର ପରୀକ୍ଷାର ଶେଷ ନଥିଲା ଆଦୌ ।

ଗୁରୁଡଗାଁ
କୋଟସାହି, କଟକ-୭୫୪୦୨୨